# NATIONAL NEWS BULLETIN (ODIA)

**13 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଜିଠାରୁ ତ୍ରି-ରାଷ୍ଟ୍ରୀୟ ଗସ୍ତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାକୁ ପୁରିଲା ତିନିବର୍ଷ

– ଭିତ୍ତିଭୂମି ପରିବର୍ତ୍ତନରେ ପିଏମ୍ ଗତିଶକ୍ତି ଯୋଜନା ଗ୍ରହଣ କରିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଆସାମ ଏବଂ ଜାମ୍ମୁକାଶ୍ମୀରର କେତେକ ସ୍ଥାନରେ ଭୂମିକମ୍ପ ଅନୁଭୂତ

- ଦୁର୍ଗା ପୂଜାର ଶେଷ ଦିନରେ ଆଜି ପଶ୍ଚିମବଙ୍ଗ ଓ ଆସାମରେ ବିସର୍ଜନ ଆରମ୍ଭ

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟରେ ଆଜି ମୁହାଁମୁହିଁ ହେବେ ଭାରତ-ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଓ ସ୍କଟଲାଣ୍ଡ

# ପ୍ରେଜ୍ - ଫରେନ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ତିନୋଟି ଆଫ୍ରିକୀୟ ରାଷ୍ଟ୍ରକୁ ଗସ୍ତ କରିଛନ୍ତି । ସେହି ତିନୋଟି ଆଫ୍ରିକୀୟ ରାଷ୍ଟ୍ର ହେଉଛି, ଆଲ୍‌ଜେରିଆ, ମୌରିଟାନିଆ ଏବଂ ମାଲଓ୍ୱି । ଭାରତୀୟ ରାଷ୍ଟ୍ରପତିଙ୍କର ଏହି ତିନୋଟି ଆଫ୍ରିକୀୟ ରାଷ୍ଟ୍ରକୁ ଏହା ପ୍ରଥମ ଗସ୍ତ । ଗତବର୍ଷ ଭାରତର ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘ ଜି-୨୦ ସଦସ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା । ଗସ୍ତ ଅବସରରେ ରାଷ୍ଟ୍ରପତି ଏହି ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା କରିବେ । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ରାଷ୍ଟ୍ରପତି ଭେଟିବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆଜି ରାତିରେ ଆଲ୍‌ଜେରିଆରେ ପହଞ୍ଚିବେ । ସେଠାରେ ସେ ଆଲ୍‌ଜେରିଆ ରାଷ୍ଟ୍ରପତି ଆବଦେଲ ମାଦ୍‌ଜିଦ୍ ତେବୌନେଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ନେଇ ଆଲୋଚନା ବୈଠକ କରିବେ । ଭାରତ-ଆଲ୍‌ଜେରିଆ ଅର୍ଥନୈତିକ ଫୋରମ ବୈଠକକୁ ରାଷ୍ଟ୍ରପତି ସମ୍ବୋଧନ କରିବା ସହ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ ।

ଦ୍ୱିତୀୟ ପର୍ଯ୍ୟାୟରେ ମୌରିଟାନିଆ ଗସ୍ତରେ ଯାଇ ସେଠାକାର ରାଷ୍ଟ୍ରପତି ମହମ୍ମଦ ଆଉଦ୍ ଚୈକ୍ ଏଲ୍ ଘାଜୌଆନୀଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ ।

ସୂଚନାଯୋଗ୍ୟ ମୌରୀଟାନିଆ ଏବେ ଆଫ୍ରିକାନ୍ ୟୁନିୟନ୍‌ର ସଭାପତି ଦାୟିତ୍ୱ ନିର୍ବାହ କରୁଛି । ମୌରୀଟାନିଆଠାରେ ରାଷ୍ଟ୍ରପତି ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତା ୧୭ ତାରିଖରେ ମାଲାଓ୍ୱି ଠାରେ

ପହଞ୍ଚିବେ । ମାଲାୱିର ରାଷ୍ଟ୍ରପତି ଏବଂ ଅନ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ବାଣିଜ୍ୟ, ଶିଳ୍ପ ଆଦି ପ୍ରସଙ୍ଗରେ ଆଲୋଚନା କରିବେ । ସେଠାକାର ଶିଳ୍ପଦ୍ୟୋଗୀ ଏବଂ ପ୍ରବାସୀ ଭାରତୀୟଙ୍କ ସହ ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ୧୯ ତାରିଖରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ପିଏମ୍-ଗତିଶକ୍ତି

ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାକୁ ତିନି ବର୍ଷ ପୂରଣ ହୋଇଛି । ଏହି ଜାତୀୟ ମାଷ୍ଟର ପ୍ଲାନର ତିନି ବର୍ଷ ପୂର୍ତ୍ତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ପଦକ୍ଷେପ ଭାରତର ଭିତ୍ତିଭୂମିରେ ବିପ୍ଳବ ଆଣିବାରେ ଏକ ପରିବର୍ତ୍ତନକାରୀ ଭାବରେ ଉଭା ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ବହୁମୁଖୀ ସଂଯୋଗ ସ୍ଥାପନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହାଫଳରେ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ଏବଂ ଅଧିକ ଦକ୍ଷ ବିକାଶକୁ ପ୍ରୋତ୍ସାହନ ମିଳିପାରିଛି । ସେ କହିଛନ୍ତି, ବିଭିନ୍ନ ଅଂଶୀଦାରଙ୍କ ନିରବଚ୍ଛିନ୍ନ ସମନ୍ୱୟ ଯୋଗୁଁ ଏ କ୍ଷେତ୍ରରେ ଦ୍ରବ୍ୟ ପରିବହନ ପରିସୀମା ବୃଦ୍ଧି ପାଇବା ସହ ଅନେକ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ଗତିଶକ୍ତି ସହିତ ଦେଶ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଅଗ୍ରସର ହେଉଛି ଯାହା ପ୍ରଗତି, ଉଦ୍ୟୋଗ ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ ।

୨୦୨୧ ମସିହା ଆଜିର ଦିନରେ ନିରବଚ୍ଛିନ୍ନ ଦ୍ରବ୍ୟ ଏବଂ ସେବା ପରିବହନ ପାଇଁ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଆରମ୍ଭ

କରାଯାଇଥିଲା । ଏଥିରେ ଭିତ୍ତିଭୂମି ପ୍ରକଳ୍ପର ଯୋଜନା ଓ କାର୍ଯ୍ୟକାରିତାରେ ୪୪ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ବିଭିନ୍ନ ମନ୍ତ୍ରଣାଳୟର ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୨୦୮ଟି ବୃହତ ଭିତ୍ତିଭୂମି ପ୍ରକଳ୍ପର ଆକଳନ କରି ଏହି ପଦକ୍ଷେପ ଏକ ମାଇଲଖୁଣ୍ଟ ହାସଲ କରିଛି । ଏହି ଯୋଜନା ଅଧୀନରେ ଜାତୀୟ ଲଜିଷ୍ଟିକ୍ସ ନୀତିର ଲକ୍ଷ୍ୟ ହେଉଛି ଦ୍ରବ୍ୟ ଓ ସେବା ପରିବହନ ଖର୍ଚ୍ଚ ହ୍ରାସ କରିବା, ୨୦୩୦ ସୁଦ୍ଧା ଶ୍ରେଷ୍ଠ ୨୫ ଟି ଦେଶ ମଧ୍ୟରେ ଥିବା ଭାରତର ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ ର୍‌ୟାଙ୍କିଙ୍ଗରେ ଉନ୍ନତି ଆଣିବା ଏବଂ ଡାଟା ଆଧାରିତ ନିଷ୍ପତ୍ତି ନେବାକୁ ପ୍ରୋତ୍ସାହିତ କରିବା ।

## ବିର୍ଲା- ଜେନେଭା ଆଇପିୟୁ

ଜେନେଭାରେ ଆଜିଠାରୁ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆନ୍ତଃ ସଂସଦୀୟ ସଂଘର ୧୪୯ତମ ସଭାରେ ଯୋଗଦେବା ଲାଗି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ଏକ ସଂସଦୀୟ ପ୍ରତିନିଧି ଦଳ ଗସ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କହିଛନ୍ତି, ଏହି ଗସ୍ତ ସମୟରେ ସେ ଅଧିକ ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ଉଦ୍ଭାବନର ଉପଯୋଗ ଶୀର୍ଷକ ସଭାକୁ ସମ୍ବୋଧିତ କରିବେ । ଆନ୍ତଃ ସଂସଦୀୟ ସଂଘର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥାର ବୈଠକରେ ଶ୍ରୀ ବିର୍ଲା ଯୋଗଦେବେ । ଏହାଛଡ଼ା ସେ ଏହି ସଭାରେ ଯୋଗ ଦେଉଥିବା ଅନ୍ୟ

ପ୍ରତିପକ୍ଷମାନଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିବେ। ଶ୍ରୀ ବିର୍ଲା ଜେନେଭାରେ ଥିବା ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ପ୍ରତିନିଧି ଦଳରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ସିଂହ, ଉଭୟ ଗୃହର ମହାସଚିବ ଓ ଅନ୍ୟାନ୍ୟ ସାଂସଦ ରହିଛନ୍ତି।

ଆନ୍ତଃ ସଂସଦୀୟ ସଂଘରେ ୧୮୦ ଜଣ ସଦସ୍ୟ ଏବଂ ୧୫ ଜଣ ସହଯୋଗୀ ସଦସ୍ୟ ଅଛନ୍ତି। ଏଥିରେ ଚୀନ୍, ଭାରତ ଓ ଇଣ୍ଡୋନେସିଆ ଭଳି ଦେଶର ସଂସଦ ସହ କାବୋ ଭରଦେ, ସାନ୍ ମାରିନୋ ଓ ପଲାଉ ଭଳି ଛୋଟ ଦେଶର ସଂସଦ ମଧ୍ୟ ସାମିଲ ଅଛନ୍ତି।

## ଆସାମ ଭୂମିକମ୍ପ

ଆଜି ସକାଳେ କେନ୍ଦ୍ରୀୟ ଆସାମର କେତେକ ସ୍ଥାନରେ ୪ ଦଶମିକ ୨ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବା ଖବର ମିଳିନାହିଁ। ସରକାରୀ ତଥ୍ୟ ଅନୁଯାୟୀ, ବ୍ରହ୍ମପୁତ୍ର ନଦୀର ଉତ୍ତର ପାର୍ଶ୍ୱରେ ଥିବା ଉଦଲଗୁଡ଼ି ଜିଲ୍ଲାରେ ଆଜି ସକାଳ ୭ଟା ୪୭ ମିନିଟରେ ଭୂମିକମ୍ପ ଅନୁଭୂତ ହୋଇଥିଲା।

ଜମ୍ମୁ-କଶ୍ମୀରର ଡୋଡା ଜିଲ୍ଲାରେ ମଧ୍ୟ ଆଜି ସକାଳେ ୪ ଦଶମିକ ୩ ତୀବ୍ରତାର ମଧ୍ୟମ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଗୁଣ୍ଡୋହ ଥିଲା। ସକାଳ ପ୍ରାୟ ୬ଟା ୧୪ମିନିଟରେ ଭୂମିକମ୍ପ ଅନୁଭୂତ ହୋଇଥିଲେ ହେଁ ଏହାର ଅବଧି କମ୍ ଥିଲା।

ଗତ କିଛି ବର୍ଷ ଧରି ଚେନାବ ଉପତ୍ୟକାରେ ବାରମ୍ବାର ଭୂମିକମ୍ପ ଅନୁଭୂତ ହେଉଛି ଏବଂ ବିଶେଷଜ୍ଞମାନେ କହିଛନ୍ତି, ଏଭଳି ମଧ୍ୟମ ଧରଣର

ଭୂମିକମ୍ପ ଅନୁଭୂତ ହେବା ଦ୍ୱାରା ଭୂମିର ଚାପ ହ୍ରାସ ପାଇଥାଏ ଫଳରେ ବଡ଼ ଭୂମିକମ୍ପ ହେବାର ସମ୍ଭାବନା କମ୍ ହୋଇଥାଏ ।

## ଆସାମ-ପଶ୍ଚିମବଙ୍ଗ ଦୁର୍ଗା ବିସର୍ଜନ

ପଶ୍ଚିମବଙ୍ଗ ଏବଂ ଆସାମରେ ଦୁର୍ଗାପୂଜାର ଶେଷ ଦିନରେ ଆଜି ବିଜୟା ଦଶମୀରେ ମୂର୍ତ୍ତି ବିସର୍ଜନ ଆରମ୍ଭ ହୋଇଛି । ଗତକାଲି ମଧ୍ୟ କେତେକ ମୂର୍ତ୍ତି ବିସର୍ଜନ କରାଯାଇଥିଲା । ପଶ୍ଚିମବଙ୍ଗରେ ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ କେତେକ ନଦୀ ଓ ପୋଖରୀଘାଟରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମୂର୍ତ୍ତି ବିସର୍ଜନ ପାଇଁ ବାଜେ କଦମତାଲା ଘାଟ, ଦୋଇ ଘାଟ, ଜଜର୍ସ ଘାଟ, ଅହିରିତୋଲା ଘାଟ, ବାଗବଜାର ଘାଟ, ରତନବାବୁ ଘାଟ ସମେତ ଗଙ୍ଗା ନଦୀର ଘାଟକୁ ସଜାଯାଇଛି । କୌଣସି ଅଘଟଣକୁ ଏଡ଼ାଇବା ପାଇଁ ପୋଲିସ ପାଟ୍ରୋଲିଂ କରାଯାଉଛି ।

ଆସାମରେ ମୂର୍ତ୍ତି ବିସର୍ଜନ ସମୟରେ ନିୟମ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଆସନ୍ତା ବର୍ଷ ପୁଣି ଥରେ ମା’ ଦୁର୍ଗାଙ୍କୁ ସ୍ୱାଗତ କରିବା ଆଶାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆଜି ଶେଷ ଥର ପାଇଁ ପୂଜା ମଣ୍ଡପରେ ଏକତ୍ରିତ ହୋଇଛନ୍ତି । ଗୁଆହାଟୀ ସହରର ବ୍ରହ୍ମପୁତ୍ର ନଦୀରେ ଆନନ୍ଦ ଉତ୍ସାହର ସହ ବିସର୍ଜନ କାର୍ଯ୍ୟ ଚାଲିଛି ।

# ଲେବାନନ ଡେଥ୍ ଟୋଲ

ଗତ ବର୍ଷ ଅକ୍ଟୋବର ୮ ତାରିଖରେ ହିଜବୁଲ୍ଲା-ଇସ୍ରାଏଲ ମଧ୍ୟରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ଲେବାନନ୍ ଉପରେ ଇସ୍ରାଏଲର ଆକାଶମାର୍ଗରୁ ଆକ୍ରମଣରେ ୨ ହଜାର ୨୫୫ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ଏ ପର୍ଯ୍ୟନ୍ତ ୧୦ ହଜାର ୫୨୪ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଲେବନାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ମାସରେ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ଫଳରେ ୧ ହଜାର ୬୪୫ ଜଣଙ୍କର ମୃତ୍ୟୁ ଘଟିଛି ।

ଇତି ମଧ୍ୟରେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ସୂଚନା, ଲେବାନନରୁ ପ୍ରାୟ ୯୦ଟି ରକେଟ୍ ଏବଂ କ୍ଷେପଣାସ୍ତ୍ର ତାଙ୍କ ଦେଶ ଉପରକୁ ନିକ୍ଷେପ କରାଯାଇଛି ଏବଂ ସେଥିମଧ୍ୟରୁ ୨ଟି ଡ୍ରୋନ୍‌କୁ ନିରସ୍ତ୍ର କରିଦିଆଯାଇଛି। ସୂଚନା ଅନୁଯାୟୀ, କେତେକ କ୍ଷେପଣାସ୍ତ୍ରକୁ ହାଇଫା ଏବଂ ଆକ୍କୋ ବନ୍ଦର ସହର ସମେତ ହାଇଫା ଉପସାଗରକୁ ଲକ୍ଷ୍ୟ କରି ନିକ୍ଷେପ କରାଯାଇଥିବା ବେଳେ ଅନ୍ୟକେତେକ କ୍ଷେପଣାସ୍ତ୍ରକୁ ଗାଲିଲି ଅଞ୍ଚଳକୁ ଲକ୍ଷ୍ୟ କରି ନିକ୍ଷେପ କରାଯାଇଥିଲା।  ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଇସ୍ରାଏଲ ସେନା ସୂଚନା ଦେଇଛି।

# ପୋଲାଣ୍ଡ ସସ୍‌ପେନସନ୍

ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍‌ଡ ଟସ୍କ ବେଆଇନ ପ୍ରବାସକୁ ହ୍ରାସ କରିବା ଲାଗି କେତେକ ଆଶ୍ରୟ ସମ୍ବନ୍ଧିତ ଅଧିକାରକୁ ସମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ଓ୍ୱାରସଠାରେ ଗତକାଲି ଏକ 'ସିଭିକ ପ୍ଲାଟଫର୍ମ ପାର୍ଟି' ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଡୋନାଲ୍‌ଡ ଟସ୍କ ପୋଲାଣ୍ଡର ନିଷ୍ପତ୍ତିକୁ ୟୁରୋପୀୟ ସଂଘ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଯେ ଆଶ୍ରୟ ଅଧିକାର ବଳରେ ଶତ୍ରୁ ରାଷ୍ଟ୍ର ଏବଂ ମାନବ ଚାଲାଣକାରୀମାନେ ଲାଭ ଉଠାଉଛନ୍ତି। ସେ କହିଛନ୍ତି, ସରକାର ବେଆଇନ ପ୍ରବାସକୁ ହ୍ରାସ କରିବା ସହ କିଏ ଦେଶ ମଧ୍ୟକୁ ପ୍ରବେଶ କରିବ ତାହା ଉପରେ ସମ୍ପୃକ୍ତ ସରକାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା ଉଚିତ୍ ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଟସ୍କ ଏହା ମଧ୍ୟ ଜୋର ଦେଇ କହିଛନ୍ତି, ପୋଲାଣ୍ଡ ଏହାର ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବା ୟୁରୋପୀୟ ସଂଘର କୌଣସି ନୀତି ଗ୍ରହଣ କରିବ ନାହିଁ। ପୋଲାଣ୍ଡରେ ଦୀର୍ଘକାଳୀନ ରହିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ସମନ୍ୱିତ ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ପ୍ରଦାନ କରିବା ସହ ଜର୍ମାନୀ ତା'ର ପ୍ରବାସ ନୀତିରେ ଏହାକୁ ପ୍ରାଥମିକତା ଦେବାରେ ଅତୀତରେ ବିଫଳ ହୋଇଥିବା କହିଥିଲେ।

# ଆଇସିସି ମହିଳା ଟି-୨୦

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସଂଧ୍ୟାରେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ଭାରତ' ଅଷ୍ଟ୍ରେଲିଆକୁ ଭେଟିବ । ସାରଜାଠାରେ ଭାରତୀୟ ସମୟ ସଂଧ୍ୟା ସାଢ଼େ ୭ ଟାରେ ଏହି ମ୍ୟାଚ୍ ଖେଳାଯିବ । ଅନ୍ୟଏକ ମ୍ୟାଚ୍ ଗ୍ରୁପ୍-ବିର ଇଂଲଣ୍ଡ ଏବଂ ସ୍କଟଲ୍ୟାଣ୍ଡ ମଧ୍ୟରେ ସାରଜାଠାରେ ଅପରାହ୍ଣ ସାଢ଼େ ୩ଟାରେ ଖେଳାଯିବ ।

ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା' ବାଂଲାଦେଶକୁ ୭ଓ୍ୱିକେଟ୍‌ରେ ପରାସ୍ତ କରିଥିବାବେଳେ ଗ୍ରୁପ୍-ଏର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ' ଶ୍ରୀଲଙ୍କାକୁ ୮ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା । ଗ୍ରୁପ୍-ଏ'ର ପଏଣ୍ଟ ତାଲିକାରେ ତିନୋଟି ଯାକ ମ୍ୟାଚ୍‌ରେ ବିଜୟ ହାସଲ କରି ଅଷ୍ଟ୍ରେଲିଆ ୬ ପଏଣ୍ଟ ସହ ଶୀର୍ଷରେ ରହିଥିବା ବେଳେ ଭାରତ ତିନୋଟି ମ୍ୟାଚ୍‌ରୁ ୨ଟିରେ ବିଜୟ ଲାଭ କରି ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ସେହିପରି ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା ୬ ପଏଣ୍ଟ ସହ ତାଲିକାର ପ୍ରଥମରେ ଏବଂ ଓ୍ୱେଷ୍ଟଇଣ୍ଡିଜ୍ ୪ ପଏଣ୍ଟ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି ।

# ଟେବୁଲ ଟେନିସ୍ ରେଜଲ୍ଟ

ଟେବୁଲ ଟେନିସରେ ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ଯୋଡ଼ି ଆୟିକା ମୁଖାର୍ଜୀ ଓ ସୁତୀର୍ଥ ମୁଖାର୍ଜୀ କାଜାଖିସ୍ତାନର ଅସ୍ତାନାଠାରେ ଚାଲିଥିବା

ଏସୀୟ ଚାମ୍ପିୟନଶିପ୍ ୨୦୨୪ର ମହିଳା ଡବଲ୍ସରେ ଦେଶ ପାଇଁ ପ୍ରଥମ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି।

ଭାରତୀୟ ଯୋଡ଼ି ଆଜି ସେମିଫାଇନାଲରେ ଜାପାନର ମିଓ୍ୱା ହରିମୋତୋ ଓ ମିୟୁ କିହାରାଙ୍କୁ ୦-୩ ଗୋଲରେ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଛନ୍ତି।

--------------------------------------------------------------------------------